# ବୀଣା ବାଦନ, କଥକ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ




ଭୁବନେଶ୍ୱର, ୧୮।୬/ଏନ୍ଏନ୍ଏସ୍: ଭୁବନେଶ୍ୱର ମ୍ୟୁଜିକ ସର୍କଲ ଓ ଦିଲ୍ଲୀର ତବଲା ଉସ୍ତାଦ୍ ପଣ୍ଡିତ ଚତୁରଲାଲ ମେମୋରିଆଲ ସୋସାଇଟି ଦ୍ୱାରା ଆୟୋଜିତ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଥିଲା ପଣ୍ଡିତ ସଲିଲ ଭଟ୍ଟଙ୍କ ଦ୍ୱାରା ସାତ୍ତ୍ୱିକ ବୀଣା ବାଦନ। ତାଙ୍କର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଉପରେ ପର୍ଯ୍ୟବେସିତ ବୀଣା ବାଦନ ଦର୍ଶକଙ୍କୁ ବିମୋହିତ କରିଥିଲା। ତାଙ୍କୁ ତବଲାରେ ସହଯୋଗ କରିଥିଲେ ବିଶିଷ୍ଟ ତବଲା ବାଦକ ପ୍ରାଂଶୁ ଚତୁରଲାଲ ଏବଂ ସୀତାରରେ ସହଯୋଗ କରିଥିଲେ ଜୀବନପ୍ରକାଶ ଦାସ। ଦ୍ୱିତୀୟ ପ୍ରସ୍ତୁତି ଥିଲା ପଣ୍ଡିତ ବିର୍ଜୁ ମହାରାଜଙ୍କ ସୁପୁତ୍ର ପଣ୍ଡିତ ଦୀପକ ମହାରାଜଙ୍କ ଦ୍ୱାରା କଥକ ନୃତ୍ୟ ସଙ୍ଗୀତ ପରିବେଷଣ। ପାଦଛନ୍ଦ ସହ ଘୁଙ୍ଗୁରର ନିକ୍ୱଣକୁ ଗାୟନ ଓ ତବଲା ବାଦନରେ ଅତି ଚମତ୍କାରଭାବେ ପରିବେଷଣ କରି ସେ ପ୍ରେକ୍ଷାଳୟର ସମସ୍ତ ଦର୍ଶକଙ୍କୁ ବିମୋହିତ କରିଥିଲେ। ତାଙ୍କ ସହିତ ତବଲାରେ ପ୍ରାଂଶୁ ଚତୁରାଲାଲ ଏବଂ ସାରଙ୍ଗୀରେ ଜନାବ ଗୁଲାମ ୱାରିଶ ସହଯୋଗ କରିଥିଲେ। ପ୍ରାରମ୍ଭରେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଡ. ଅରବିନ୍ଦ ବେହେରା ଓ ପଣ୍ଡିତ ଚତୁରଲାଲଙ୍କର ପୁତ୍ର ଚରଣଜିତ ଲାଲ ତଥା ଭୁବନେଶ୍ୱର ମ୍ୟୁଜିଲ ସର୍କଲର ସାଧାରଣ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ନିତିଦିନ NITIDIN Mon, Jun 19, 2017
http://odishanewsnitidin.com